## ସ୍ୱାସ୍ଥ୍ୟକେନ୍ଦ୍ରରୁ କମ୍ପ୍ୟୁଟର ଚୋରି

ଆରଡ଼ି,(ଡି.ଏନ୍.ଏ.)-ଭଦ୍ରକ ଜିଲା ଆରଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଶୁକ୍ରବାର ବିଳମ୍ବିତ ରାତିରେ ୨ଟି କମ୍ପ୍ୟୁଟର ସହ କିଛି ସ୍ୱାସ୍ଥ୍ୟ ଉପକରଣ ଚୋରି ହୋଇଛି। ଶନିବାର ସକାଳେ ସ୍ୱାସ୍ଥ୍ୟ କର୍ମଚାରୀ ଚୋରି ବିଷୟରେ ଜାଣିବାକୁ ପାଇ ଆରଡ଼ି ଫାଣ୍ଡିକୁ ଖବର ଦେଇଥିଲେ। ଆରଡ଼ି ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ମଲ୍ଲ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ତୁଙ୍ଗତୃଷ୍ଣା ମହାନ୍ତି ଏନେଇ ଫାଣ୍ଡିରେ ଏତଲା ଦେବା ପରେ ଧୂଷୁରୀ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ସଂକ୍ଷେପରେ

## ଫାର୍ମହାଉସ ତାର ବାଡ଼ରେ ବିଦ୍ୟୁତ୍ ସଂଯୋଗ ସଂସ୍ପର୍ଶରେ ଆସି ୬ ମଇଁଷି ମୃତ

ନୀଳଗିରି,୨୯।୪(ସ୍ୱ.ପ୍ର.)-ବାଲେଶ୍ୱର ଜିଲା ନୀଳଗିରି ଥାନା କୁଲଡ଼ିହା ଅଭୟାରଣ୍ୟର ପାଦଦେଶ ଖୁମକୁଟ ଅଞ୍ଚଳ ଗୁଡ଼ିଖୁଲା ଗ୍ରାମରେ ଥିବା ଏକ ଫାର୍ମହାଉସରେ ଏକ ଦୁଃଖଦ ଘଟଣା ଘଟିଛି। ଫାର୍ମହାଉସ ଚାରି ପାଖରେ ଲଗାଯାଇଥିବା ତାରବାଡ଼ ଜାଲିରେ ବିଦ୍ୟୁତ୍ ସଂଯୋଗ ହୋଇଥିବା ବେଳେ ସଂସ୍ପର୍ଶରେ ଆସି ୬ ମଇଁଷିର ମୃତ୍ୟୁ ହୋଇଥିବା ଜଣାପଡିଛି। ନୀଳଗିରି ଥାନା ଅଧୀନ ସଜନାଗଡ଼ ପଞ୍ଚାୟତ ତେଣ୍ଡା ଗ୍ରାମର ରଶ୍ମିରେଖା ସିଂ (୩୯)ଙ୍କ ୧୬ଟି ମଇଁଷି ଥିଲେ। ସବୁଦିନ ଭଳି ଶୁକ୍ରବାର ମଇଁଷି ଜଙ୍ଗଲକୁ ଯାଇଥିଲେ। ସନ୍ଧ୍ୟାରେ ମଇଁଷି ବାଟବଣା ହୋଇ ଘରକୁ ନ ଫେରି ଅନ୍ୟ ଆଡ଼େ ଚାଲି ଯାଇଥିଲେ। ଏହି ମଇଁଷି କୁଲଡ଼ିହା ଅଭୟାରଣ୍ୟ ପାଦଦେଶର ଖୁମକୁଟ ଅଞ୍ଚଳ ଗୁଡ଼ିଖୁଲା ଗ୍ରାମରେ ଥିବା ଶୁଭେନ୍ଦୁ ଶେଖର ଜେନାଙ୍କ ଫାର୍ମହାଉସ ପାଖରେ ପହଞ୍ଚିଯାଇଥିଲେ। ଫାର୍ମହାଉସ ଚାରିପାଖରେ ଲାଗିଥିବା ତାରବାଡ଼ ଜାଲିରେ ବିଦ୍ୟୁତ୍‌ଜନିତ ଚାର୍ଜ କରାଯାଇଥିବାରୁ ଉକ୍ତ ମଇଁଷି ମଧ୍ୟରୁ ୬ଟି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ଦେଖିବାକୁ ମିଳିଥିଲା। ଶନିବାର ଏହି ଘଟଣାକୁ ନେଇ ଅଞ୍ଚଳରେ କିଛି ସମୟ ପାଇଁ ଉତ୍ତେଜନା ରହିଥିବା ବେଳେ ୬ ମଇଁଷିର ମାଲିକ ରଶ୍ମୀରେଖା କ୍ଷତିପୂରଣ ଦାବି ସହ ନୀଳଗିରି ଥାନାରେ ଶୁଭେନ୍ଦୁ ଶେଖର ଜେନାଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି।

## ଟ୍ରକ୍ ଧକ୍କାରେ ଆଇନଜୀବୀଙ୍କ ମୃତ୍ୟୁ

ଜଳେଶ୍ୱର/ଲଙ୍ଗଳେଶ୍ୱର, ୨୯।୪ (ଡି.ଏନ୍.ଏ.)-୬୦ ନଂ. ଜାତୀୟ ରାଜପଥର ଚାଲନ୍ତି ବାଇପାସ୍ ନିକଟରେ ଶୁକ୍ରବାର ରାତିରେ ଏକ ୧୦ଚକିଆ ଟ୍ରକ୍ ପଛପଟୁ ଏକ ବାଇକ୍‌କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣେ ଆଇନଜୀବୀଙ୍କ ମୃତ୍ୟୁ ଘଟିଛି। ବାଇକ୍‌ରେ ଥିବା ଅନ୍ୟଜଣେ ଗୁରୁତର ହୋଇ ପ୍ରଥମେ ଜିକେଭଟ୍ଟର ଓ ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ମୃତକ ହେଲେ ବାଲିଆପାଳ ବ୍ଲକର ବାଲିକୁଟି ପଞ୍ଚାୟତ ଡେମୁରିଆ ଗାଁର ପ୍ରାଣକୃଷ୍ଣ ଗିରି (୫୨)। ସେ ବାଲେଶ୍ୱର କୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟ କରୁଥିଲେ। ପ୍ରାଣକୃଷ୍ଣ ଓ ଲଙ୍ଗଳେଶ୍ୱର ଅଞ୍ଚଳର ଅନଙ୍ଗ କୁମାର ସାହୁ ବାଇକ୍‌ରେ ଜଳେଶ୍ୱରରୁ ନିଜ ଗାଁ ଅଭିମୁଖେ ଯାଉଥିଲେ। ଚାଲନ୍ତି ବାଇପାସ୍ ନିକଟରେ ପଶ୍ଚିମବଙ୍ଗରୁ ଆସୁଥିବା ଏକ ଟ୍ରକ୍ ପଛପଟୁ ଧକ୍କା ଦେଇଥିଲା। ଫଳରେ ପ୍ରାଣକୃଷ୍ଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ତାଙ୍କ ମୃତଦେହ ଜିକେ ଭଟ୍ଟର ହସ୍‌ପିଟାଲରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

## ଦାବି ପୂରଣ ନ ହେଲେ ଆନ୍ଦୋଳନ

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଦାବିପତ୍ର

ଖୁଣ୍ଟା/ଗୋପବନ୍ଧୁ ନଗର, ୨୯।୪ (ଡି.ଏନ.ଏ.)-ନିଖିଳ ଓଡ଼ିଶା ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ଆହ୍ୱାନକ୍ରମେ ମୟୂରଭଞ୍ଜ ଜିଲାର ଖୁଣ୍ଟା ଓ ଗୋପବନ୍ଧୁ ନଗର ବ୍ଲକ ସଂଘ ପକ୍ଷରୁ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅବସର ପରେ କର୍ମଚାରୀମାନେ ବିଭିନ୍ନ ସମସ୍ୟା ଦେଇ ଗତି କରି ଆସୁଥିଲେ ମଧ ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଉ ନ ଥିବା ସଂଘର ସଦସ୍ୟମାନେ ଅଭିଯୋଗ କରିଛନ୍ତି। ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଚିକିତ୍ସା ଭତ୍ତା କେନ୍ଦ୍ର ସରକାରଙ୍କ ଭଳି ୩ ପ୍ରତିଶତ ଅତିରିକ୍ତ ମହଙ୍ଗା ଭତ୍ତା ପ୍ରଦାନ, ସ୍ୱାସ୍ଥ୍ୟ ବୀମା, ବସ୍ ଓ ଟ୍ରେନ୍ ଯାତାୟତରେ ରିହାତି ପ୍ରଦାନ ଆଦି ଦାବି ହୋଇଛି। ସଂଘର ସଭାପତି ପ୍ରତାପ ପାତ୍ରଙ୍କ ନେତୃତ୍ୱରେ ଉପସଭାପତି ଦିବାକର ପରିଡ଼ା, ସମ୍ପାଦକ ହରିଶ୍ଚନ୍ଦ୍ର ପାତ୍ର, କୋଷାଧ୍ୟକ୍ଷ ସତିଶ ଚନ୍ଦ୍ର ପରିଡ଼ା, ଗଙ୍ଗାଧର ଭୋଇ ପ୍ରମୁଖ ବିଡିଓ ମାନସ ରଞ୍ଜନ ସାମଲଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ତେବେ ବିଭିନ୍ନ ସମୟରେ ଏହି ସମସ୍ୟାର ସମାଧାନ ପାଇଁ ଦାବି ହୋଇଆସୁଛି। ଏହାମଧରେ ଅନେକ ଆଶାୟୀ ଅବସରପ୍ରାପ୍ତ କର୍ମଚାରୀଙ୍କର ମୃତ୍ୟୁ ହୋଇସାରିଥିଲେ ମଧ ସରକାର ଏହାକୁ କର୍ଣ୍ଣପାତ କରୁ ନ ଥିବା କହି ସଂଘର ସଦସ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦେଇ ଦାବି ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# କମିଟି ଦ୍ୱାରା ତଦନ୍ତ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

### ସାମାଜିକ କର୍ମୀ ନୈନା ସାହୁ ମୃତ୍ୟୁ ମାମଲା

କେନ୍ଦୁଝର,୨୯।୪ (ସ୍ୱ.ପ୍ର.)

କେନ୍ଦୁଝର ସାମାଜିକ କର୍ମୀ ରୋଜାଲିନ ସାହୁ (ନୈନା) ମୃତ୍ୟୁ ଘଟଣାକୁ ନେଇ ହାଇକୋର୍ଟ ଏକ ମାମଲାର ବିଚାର କରି ଏକ ତଦନ୍ତ କମିଟି ଦ୍ୱାରା ଯାଞ୍ଚ କରିବାକୁ ଏସ୍‌ପି କେନ୍ଦୁଝରଙ୍କୁ ଆଦେଶ କରିଛନ୍ତି। ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ତଦନ୍ତ ପରିସର ଭୁକ୍ତ କରି ତୁରନ୍ତ ତଦନ୍ତ ଶେଷ କରିବାକୁ ହାଇକୋର୍ଟ ଆଦେଶ କରିଛନ୍ତି। ଘଟଣାର ଅଭିଯୁକ୍ତମାନେ ଅବାଧରେ ବୁଲୁଥିଲେ ହେଁ ଧରା ଯାଉ ନ ଥିବା ଏବଂ ଏପରିକି ସାଇବର ସେଲ ପୋଲିସ ଦ୍ୱାରା ମଧ ଏହାର ଯାଞ୍ଚ କରାଯାଉ ନ ଥିବାରୁ ଏହାକୁ ନେଇ ଆବେଦନକାରୀ ମୃତକଙ୍କ ମା' ରେବତୀ ସାହୁ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଘଟଣାକୁ ନେଇ ଘଟଗାଁ ଥାନା ପୋଲିସ ମଧ ଏକ ହତ୍ୟା ମାମଲା ରୁଜୁ କରି ଚୁପ ବସିଥିବା ନେଇ ଅଭିଯୋଗ ହୋଇଥିଲା।

ଏହାର ଶୁଣାଣି କରି ବିଚାରପତି ଡକ୍ଟର ଏସ୍‌କେ ପାଣିଗ୍ରାହୀ ସିଆରଏଲ ଏମପି (ନଂ. ୭୨୧ ଅଫ ୨୦୨୩)ରେ ଅଭିଯୋଗକୁ ଗ୍ରହଣ କରି ଏଭଳି ଆଦେଶ କରିଛନ୍ତି। ହାଇକୋର୍ଟଙ୍କ ଏହି ଆଦେଶ ପରେ ପୋଲିସ କି ପଦକ୍ଷେପ ଗ୍ରହଣ କରୁଛି ତାହାକୁ ପରିବାର ଲୋକ ତଥା ନୈନାଙ୍କ ପିତା ମାତା ଅପେକ୍ଷା କରିଛନ୍ତି। ପ୍ରକାଶ ଯେ, ୨୦୨୨ ଡିସେମ୍ବର ୧୧ ରେ ଗୁରୁତର ଅବସ୍ଥାରେ ନୈନାଙ୍କୁ କଟକ ନିଆଯାଇଥିଲା। ଉକ୍ତ ମାସ ୨୯ ରେ ତାଙ୍କର ମୃତ୍ୟୁ ପରେ ପୋଲିସ ଜାନୁୟାରୀ ୧ ରେ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ପରେ ହତ୍ୟା ମାମଲାକୁ ପରିବର୍ତ୍ତନ କରିଥିଲା।

# ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସରେ ସଚେତନତା ଶୋଭାଯାତ୍ରା




ଭଦ୍ରକ ଅଫିସ, ୨୯।୪

ଭଦ୍ରକ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନ କରାଯାଇଛି। 'ପ୍ରାଣୀ ଚିକିତ୍ସା ବୃତ୍ତି କ୍ଷେତ୍ରରେ ବିବିଧତା, ନିରପେକ୍ଷତା ଓ ସମୂହ ତା'ର ବିକାଶ ନିମନ୍ତେ ପ୍ରୋତ୍ସାହିତ କରିବା' ବାର୍ତ୍ତା ଥିଲା। ପ୍ରଥମ ଦିବସରେ ମଠସାହି ଗୋପାଳଜୀ ଗୋଶାଳାଠାରେ ପ୍ରାଣୀ ସ୍ୱାସ୍ଥ୍ୟ ପରୀକ୍ଷା ଓ ପ୍ରାଣୀମାନଙ୍କୁ ଫଳ, ସବୁଜ ଘାସ ଖାଇବାକୁ ଦିଆଯାଇଥିଲା। ତିହିଡ଼ି ବ୍ଲକର କୃତିଦାସପୁର ଗ୍ରାମରେ ଏକ ଜିଲାସ୍ତରୀୟ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଶେଷ ଦିବସରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ବାଇପାସ୍ ଶନିମନ୍ଦିର ଛକ ପର୍ଯ୍ୟନ୍ତ ଯାଇଥିଲା। ପରେ ସ୍ଥାନୀୟ ଏକ ହୋଟେଲରେ ରାଜ୍ୟସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିବାର ବ୍ୟବସ୍ଥା କରାଯାଇଥିଲା। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶୁଭେନ୍ଦୁ କୁମାର ମିଶ୍ର, ପୂର୍ବତନ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଭବାନୀଶଙ୍କର ମହାପାତ୍ର ଯୋଗଦେଇ ଏହି ଦିବସର ଆଭିମୁଖ୍ୟ କହିଥିଲେ। ଡା. ଚନ୍ଦ୍ରଶେଖର ରଥ, ଡା. ସୁଶୀଲ କୁମାର ଧଳ, ଡା. ଗୋପାଳ ଚରଣ ବଳ ପ୍ରମୁଖ ଉପସ୍ଥିତ ଥିଲେ। ବନ୍ତ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ନିର୍ମଳ ଚନ୍ଦ୍ର ବାରିକ ଓ ନୋଡାଲ ଅଫିସର ମଧୁସ୍ମିତା ପଣ୍ଡା ସଭା ପରିଚାଳନା କରିଥିଲେ। ତିହିଡ଼ି ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ନିରାକାର ଜେନା ଧନ୍ୟବାଦ ଦେଇଥିଲେ।

## କାଠ, ଅଙ୍ଗାର ଜବତ, ୩ ଗିରଫ

କୋଡ଼ପଡ଼ା,୨୯।୪(ଡି.ଏନ୍.ଏ)

କେନ୍ଦୁଝର ଜିଲା ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ କାଠ ଓ ଅଙ୍ଗାର ବୋଝେଇ ଗାଡ଼ି ଜବତ କରିବା ସହିତ ୩ ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ଘସିପୁରା ଥାନା ଖପରାଖାଇର ସୁଦର୍ଶନ ନାୟକ (୪୪), ଆକାଶ ମହାନ୍ତି (୨୨), ପ୍ରଶାନ୍ତ ମହାନ୍ତି (୫୧)। ଆନନ୍ଦପୁର ଡିଏଫଓ ଅଭୟ କୁମାର ଦଳେଇଙ୍କ ନିର୍ଦ୍ଦେଶ କ୍ରମେ ସହକାରୀ ବନ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଗୋହିରା ନିକଟସ୍ଥ କମଳା ଢାବା ନିକଟରୁ ଏକ୍ ପିକ୍‌ଅପ୍ ଭ୍ୟାନକୁ ଜବତ କରିବା ସହିତ ୨୬ ସିଫ୍ଟ ଶାଳଗଣ୍ଡି ସହିତ ଗାଡ଼ିକୁ ଜବତ କରାଯାଇଛି। ସେହିପରି ହସନପୁରଠାରେ ଚଢ଼ାଉ କରି ୪୦ ବସ୍ତା ଅଙ୍ଗାର ସହିତ ୨ ଜଣଙ୍କୁ ବନ ବିଭାଗ ଗିରଫ କରିଛି।

## ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

କେନ୍ଦୁଝର, ୨୯।୪(ଡିଏନ୍ଏ)

ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଅବସରରେ ହାଇଫର ଇଣ୍ଟରନ୍ୟାସନାଲ ସହଯୋଗରେ ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଓସ୍କା' ପକ୍ଷରୁ ଏକ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଘଟଗାଁ ବ୍ଲକ୍ ଅନ୍ତର୍ଗତ ବସନ୍ତପୁର ଗୋଷ୍ଠୀ କେନ୍ଦ୍ରଠାରେ ଆୟୋଜିତ ପ୍ରାଣୀ ଚିକିତ୍ସା ଶିବିରକୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅକ୍ଷୟ ଘଡ଼େଇ ପ୍ରାଣୀ ପାଳନଙ୍କ ହିତରେ ରୂପାନ୍ତରିତ ନିରପେକ୍ଷ ଓ ବିସ୍ତୃତ ପ୍ରାଣୀ ଚିକିତ୍ସା ସେବା ସମ୍ପର୍କରେ ଆଲୋଚନା କରିଥିବା ବେଳେ ଗୋଷ୍ଠୀ ପଶୁ ଚିକିତ୍ସା ଅଧିକାରୀ ଡା. ସୁଶାନ୍ତ ସିଂ, ଭିଏଏସ୍ ଡା ତ୍ରିନାଥ ମହାନ୍ତ ଓ ପ୍ରାଣୀଧନ ନିରୀକ୍ଷକ ବିଶ୍ୱ କଳ୍ପିତା ସାହୁ ପ୍ରମୁଖ ଯୋଗଦେଇ ପଶୁ ସମ୍ପଦର ସୁରକ୍ଷା ଓ ସେମାନଙ୍କର ଉପଯୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା ଓ ଟିକାକରଣ ଉପରେ ପରାମର୍ଶ ଦେଇଥିଲେ। ଶିବିରରେ ସମୁଦାୟ ୭୦ ହିତାଧିକାରୀଙ୍କ ୧୯୧ କୁକୁଡ଼ା, ୧୬୬ ଛେଳି ଓ ୫୨ ଗାଈଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ମାଗଣା ଔଷଧ ବିତରଣ କରାଯାଇଥିଲା। ଶିବିରରେ 'ଓସ୍କା' ର ପ୍ରକଳ୍ପ ସଂଯୋଜକ ସମର ଦାସ ସ୍ୱାଗତ ସୂଚନା ଓ ଧନ୍ୟବାଦ ପ୍ରଦାନ କରିଥିଲେ। ସମବାୟ ପ୍ରବନ୍ଧକ ନିରୁପମା ସ୍ୱାଇଁ, ପ୍ରାଣୀଧନ ସଂଯୋଜକ ଶାଶ୍ୱତ ସ୍ୱାଇଁ, ଗୋଷ୍ଠୀ ସହାୟକ ପ୍ରବୀଣା ଦଣ୍ଡପାଟ ପରିଚାଳନା କରିଥିଲେ।

# ଭାରତୀୟ ବାଣିଜ୍ୟର ସମସ୍ୟା, ଆହ୍ୱାନ ସମ୍ପର୍କିତ ଜାତୀୟ ଆଲୋଚନାଚକ୍ର

ବାଲେଶ୍ୱର ଅଫିସ, ୨୯।୪



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ଆନୁକୂଲ୍ୟରେ ଭାରତୀୟ ବାଣିଜ୍ୟର ସମସ୍ୟା ଓ ଆହ୍ୱାନ ସମ୍ପର୍କିତ ୨ ଦିନିଆ ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ଏଏସ୍‌ବିଏମ୍(ଏସିଆନ ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟ) ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରଞ୍ଜନ କୁମାର ବଳ ଯୋଗଦେଇ ଭାରତୀୟ ବାଣିଜ୍ୟ ବ୍ୟବସ୍ଥାର ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋକପାତ କରିଥିଲେ। ଭାରତୀୟ ବାଣିଜ୍ୟର ଅଭିବୃଦ୍ଧି ନିମନ୍ତେ ଏକ ସୁସ୍ଥ ଓ ସ୍ୱଚ୍ଛ ବାଣିଜ୍ୟନୀତିର ଆବଶ୍ୟକତା ରହିଛି ବୋଲି ସେ ମତ ଦେଇଥିଲେ।

ଆଲୋଚନାଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ ଦେବଦତ୍ତ ନାୟକ ଅବଗତ କରାଇ ଭାରତୀୟ ବାଣିଜ୍ୟ ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ଆଲୋଚନାତ୍ମକ ଦୃଷ୍ଟି ଅବଲୋକନ କରିବାରେ ସମର୍ଥ ହେବ ବୋଲି ଆଶାପୋଷଣ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ସ୍ୱାଗତଭାଷଣ ଦେଇ ବିଶ୍ୱବିଦ୍ୟାଳୟ ତଥା ବାଣିଜ୍ୟ ବିଭାଗ ପକ୍ଷରୁ ଏହି ଆଲୋଚନାଚକ୍ର ଆୟୋଜନ ପାଇଁ ନିଆଯାଇଥିବା ନିଷ୍ପତ୍ତି ଅତ୍ୟନ୍ତ ଉପଯୋଗୀ ବୋଲି କହିଥିଲେ। ଆଲୋଚନାଚକ୍ରର ଅର୍ଗାନିସିଙ୍ଗ ସେକ୍ରେଟାରୀ ଡ. ଆର୍ତ୍ତବନ୍ଧୁ ଜେନା ଅତିଥି ପରିଚୟ ପ୍ରଦାନ କରି ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ଜଣାଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହିପରି ଆଲୋଚନାଚକ୍ର ନିଶ୍ଚିତ ରୂପେ ଆମ୍ଭମାନଙ୍କୁ ନୂଆ ପଥ ପ୍ରଦର୍ଶନ କରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆଲୋଚନାଚକ୍ର ଉପରେ ଆଧାରିତ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଏଥିସହିତ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଶେଷରେ ବାଣିଜ୍ୟ ବିଭାଗ ସହକାରୀ ପ୍ରାଧ୍ୟାପିକା ଗାୟତ୍ରୀ ଗୁହା ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୀବନକୁ ବାଜି ଲଗାଇ ରେଳଧାରଣା ପାର୍

ରୂପସା, ୨୯।୪(ଡି.ଏନ.ଏ.)

■ରେଳ ଫାଟକ ନାହିଁ କି ଅଣ୍ଡରପାସ୍ ନାହିଁ
■ସମସ୍ୟା ୪୦ବର୍ଷର

ଗାଁକୁ ଯିବା ପାଇଁ ରେଳଫାଟକ କିମ୍ବା ଅଣ୍ଡରପାସ୍ ନାହିଁ। ଜୀବନକୁ ବାଜି ଲଗାଇ ରେଳଲାଇନ ପାରି ହୁଅନ୍ତି ଗ୍ରାମବାସୀ। ସ୍ଥାୟୀ ସମାଧାନ ହେଉ ନ ଥିବାରୁ ଶନିବାର ଗ୍ରାମବାସୀ ରାସ୍ତାରୋକୋ ଆନ୍ଦୋଳନ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏପରିକି ୨୦୨୪ ନିର୍ବାଚନରେ ଭୋଟବର୍ଜନ ଚେତାବନୀ ଦେଇଛନ୍ତି। ରାଜ୍ୟ ସରକାର ପ୍ରାୟ ସବୁ ଗାଁକୁ ଗମନାଗମନ ସୁବିଧା କରୁଛନ୍ତି। ମାତ୍ର ଏମିତି ଗାଁ ରହିଛି ଯେଉଁଠି ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଯିବା ପାଇଁ ରେଳ ଫାଟକ କିମ୍ବା ଅଣ୍ଡରପାସ୍ ନ ଥିବାରୁ ଗ୍ରାମର ମହିଳା, ପୁରୁଷ, ପିଲାମାନେ ନିଜ ଜୀବନକୁ ବାଜି ଲଗାଇ ବିପଦସଂକୁଳ ଅବସ୍ଥାରେ ରେଳଲାଇନ ଅତିକ୍ରମ କରୁଛନ୍ତି। ବାରମ୍ବାର ଦାବି ପରେ ମଧ ସମସ୍ୟା ସମାଧାନ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଏପରି ଏକ ଗାଁ ହେଉଛି ବାଲେଶ୍ୱର ଜିଲା ବସ୍ତା ବ୍ଲକ କୁଳିଦା ପଞ୍ଚାୟତ ବେଲଗାଁ।


ରେଳଧାରଣା ନିକଟ ରାସ୍ତାରେ ଗ୍ରାମବାସୀଙ୍କ ବିକ୍ଷୋଭ।

ଏହି ଗ୍ରାମରେ ଲୋକସଂଖ୍ୟା ପାଖାପାଖି ୨ହଜାର। ଗ୍ରାମ ମଧ ଦେଇ ଦକ୍ଷିଣ ପୂର୍ବ ରେଳପଥ ଅତିକ୍ରମ କରିଛି। ଦୀର୍ଘ ୪୦ବର୍ଷରୁ ଉର୍ଦ୍ଧ ସମୟ ହେବ ରେଳ ଫାଟକ କିମ୍ବା ଅଣ୍ଡରପାସ ନ ଥିବାରୁ ଗ୍ରାମବାସୀ ବ୍ଲକ, ତହସିଲ, ଥାନା କିମ୍ବା ରାଜଘାଟ ବଜାରକୁ ଆସିବାକୁ ହେଲେ ଜୀବନକୁ ବାଜି ଲଗାଇ ବିପଦପୂର୍ଣ୍ଣ ଭାବେ ରେଳଲାଇନ ଅତିକ୍ରମ କରନ୍ତି। ପିଇବା ପାଣି ଆଣିବାକୁ କିମ୍ବା ଛୋଟ ଛୋଟ ପିଲାମାନେ ସ୍କୁଲ ଓ ଅଙ୍ଗନୱାଡ଼ିକୁ ଯିବାକୁ ହେଲେ ଏହି ରେଳଲାଇନ ପାର ହେବାକୁ ପଡ଼ିଥାଏ। ଖାଲି ସେତିକି ନୁହେଁ ରୋଗୀ କିମ୍ବା ଗର୍ଭବତୀଙ୍କୁ ଡାକ୍ତରଖାନାକୁ ନେବାକୁ ହେଲେ ରେଳଲାଇନ ଏପଟେ ଆମ୍ବୁଲାନ୍ସ ଅଟକି ରହେ ଆଉ ଗ୍ରାମବାସୀ ରୋଗୀ କିମ୍ବା ଗର୍ଭବତୀଙ୍କୁ ଖଟିଆରେ ରେଳଲାଇନ ପାର କରି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥାନ୍ତି। ବାରମ୍ବାର ଅଭିଯୋଗ ପରେ ମଧ ନା ଶୁଣୁଛନ୍ତି ନେତା ନା ପ୍ରଶାସନିକ ଅଧିକାରୀ ନା ରେଳ ମନ୍ତ୍ରଣାଳୟ। ତେବେ ଅଗାମୀ ଦିନରେ ଯଦି ରେଳଫାଟକ କିମ୍ବା ଅଣ୍ଡରପାସ୍ ନିର୍ମାଣ ନ ହୁଏ ତେବେ ଗ୍ରାମବାସୀ ଧାରଣା ଦେବା ସହିତ ୨୦୨୪ ସାଧାରଣ ନିର୍ବାଚନରେ ଭୋଟ୍ ବର୍ଜନ କରିବେ ବୋଲି ଚେତାବନୀ ଦେବା ସହିତ ଗ୍ରାମକୁ ଯିବା ରାସ୍ତାର ରେଳ ଫାଟକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ବିକ୍ଷୋଭରେ ପୂର୍ବତନ ସରପଞ୍ଚ ଅତୁଲ କୁମାର ବେହେରା, ଚକ୍ରଧର ଜେନା, ସଞ୍ଜିତା ଜେନା, ମମତା ଜେନା, ରଘୁନାଥ ଜେନା, ସାଧୁଚରଣ ଜେନା, ରତ୍ନାକର ଜେନା, ତପନ ଜେନା, ସରସ୍ୱତୀ ଜେନା, ମାଳତୀ ଜେନା, ସବିତା ଜେନା ଭାନୁ ସୋରେନ, ଚକ୍ରଧର ପରିଡ଼ା, ରାକେଶ ପାତ୍ର ଓ ଲିକା ପାତ୍ର ପ୍ରମୁଖ ଦାବି କରିଛନ୍ତି।





@ବିଶ୍ୱଜିତ୍


@ପ୍ରକୃତି


@ପ୍ରିୟଙ୍କା

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ଉଠାଜଳସେଚନ ପ୍ରକଳ୍ପ ବୁଲିଦେଖିଲେ ଅଧୀକ୍ଷଣ ଯନ୍ତ୍ରୀ


ଅଧୀକ୍ଷଣ ଯନ୍ତ୍ରୀ ଭାସ୍କର ବେହେରା ଓ ଅନ୍ୟମାନେ।

ଚମ୍ପୁଆ,୨୯।୪(ଡି.ଏନ.ଏ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍‌ରେ ଗ୍ରୀଷ୍ମ ଋତୁରେ ଚାଷ ପାଇଁ ପାଣିର ଆବଶ୍ୟକତା ଅତ୍ୟନ୍ତ ଜରୁରୀ ହୋଇପଡ଼ିଥିବା ବେଳେ ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା ଚାଷୀ ଖରାଟିଆ ଚାଷ କରିପାରୁଛନ୍ତି। ଏହି ପରିପ୍ରେକ୍ଷୀରେ ଅନୁଗୁଳ ଉଠାଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଭାସ୍କର ବେହେରା ଚମ୍ପୁଆ ବ୍ଲକ୍‌ର ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହିତ ଚାଷୀଙ୍କ ସହ ଚାଷ ସମ୍ବନ୍ଧୀୟ ଆଲୋଚନା କରିଛନ୍ତି।

ସୂଚନା ମୁତାବକ, ଅଧୀକ୍ଷଣ ଯନ୍ତ୍ରୀ ଉଚ୍ଚବାଲୀ ପଞ୍ଚାୟତର କେମୁଣ୍ଡିଆଠାରେ ଉଠାଜଳସେଚନ ପ୍ରକଳ୍ପ ନଂ. ୨, ୩ ଓ ୪ ପ୍ରକଳ୍ପ ପରିଦର୍ଶନ କରିବା ସହିତ ପାଣି ପଞ୍ଚାୟତ ସଭାପତି ପର୍ଶୁରାମ ନାଏକ ଓ ଉପସ୍ଥିତ ଚାଷୀଙ୍କ ସହ ଆଲୋଚନା କରିବା ସହିତ ପାଣି ସୁବିନିଯୋଗ ଏବଂ ବିଭାଗୀୟ ସହାୟତା ସମ୍ବନ୍ଧରେ ପଚାରି ବୁଝିଥିଲେ। ୩ ଗୋଟି ପ୍ରକଳ୍ପ ଅଧୀନରେ ପ୍ରାୟ ୬୦ ରୁ ୭୦ ଏକର ଜମିରେ ଧାନ, ମାଣ୍ଡିଆ ଓ ପନିପରିବା ଆଦି ଚାଷ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ କେନ୍ଦୁଝର ଉଠାଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ସହଦେବ ସେଠୀ ଓ ଚମ୍ପୁଆ ସହକାରୀ ନିର୍ବାହୀ ଯନ୍ତ୍ରୀ ରମେଶ ଚନ୍ଦ୍ର ନାଏକ ତାଙ୍କୁ ସହାୟତା କରିଥିଲେ।

## 'ସମାଜ ହିତରେ ସୃଷ୍ଟି ସାହିତ୍ୟ କାଳଜୟୀ ହୋଇଥାଏ'


ସାରସ୍ୱତ ସାଧନା ପରିଷଦର ବାର୍ଷିକ ସମାରୋହରେ କବି କମଳାକାନ୍ତ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାସୁଦେବପୁର, ୨୯।୪(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବାଗଦା ବିନାୟକପୁର ସାରସ୍ୱତ ସାଧନା ପରିଷଦର ୨ୟ ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ଅବସରରେ କହିଥିଲେ, ସାହିତ୍ୟ ହେଉଛି ସମାଜର ଦର୍ପଣ। ଏହା ବ୍ୟକ୍ତି ଜୀବନରେ ସୃଜନଶୀଳତା ଭରି ଦେଇଥାଏ। ସମାଜ ହିତରେ ସୃଷ୍ଟି ସାହିତ୍ୟ କାଳଜୟୀ ହୋଇଥାଏ। ମୁଖ୍ୟବକ୍ତା ଭାବେ କୃଷିବିତ୍, ଗୀତିକାର ଇଂ. ଅରୁଣ କୁମାର ପାତ୍ର ଏବଂ ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ରବିନାରାୟଣ ସେନାପତି, ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପରିଷଦର ମାର୍ଗଦର୍ଶକ ଗୀତିକାର ପୀତାମ୍ବର ମିଶ୍ରଙ୍କ ଜୟନ୍ତୀ ଦିବସରେ ସମ୍ବର୍ଦ୍ଧିତ କରାଯାଇ ତାଙ୍କର ଦୀର୍ଘ ଜୀବନ କାମନା କରାଯାଇଥିଲା। ସେହିପରି ବରିଷ୍ଠ କବି କମଳାକାନ୍ତ ପାଢ଼ୀଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ସଭାପତି ଡ. ବସନ୍ତ କୁମାର ଦାସ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଗୟାଧର ଦାସ ଅତିଥି ପରିଚୟ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଚାରୁଲତା ମିଶ୍ର, ବିଧାୟକ ପ୍ରତିନିଧି ଅସିତ ଦାଶ, କବି ତପନ ମିତ୍ର, ପ୍ରହ୍ଲାଦ ବାରିକ, ଗଦାଧର ପଲେଇ, ଶାନ୍ତିଲତା ପଣ୍ଡା, ରତ୍ନାକର ବାରିକ, ବିକାଶ ଶତପଥୀ, ଗଦାଧର ସାହୁ, ଅଜିତ ଦାସ ପ୍ରମୁଖ ଯୋଗଦେଇ କବିତା ପାଠୋତ୍ସବରେ ଅଂଶଗ୍ରହଣ କରିଥିଲେ। ସ୍ମୃତିରଞ୍ଜନ ପଲିତା ଧନ୍ୟବାଦ ଅର୍ପଣ କରିଥିଲେ।

